
# ସତ୍ୟବାର୍ତ୍ତା

*(THE VOICE OF TRUTH)*

**JULY - AUGUST**

**2003**



AN ORIYA BIMONTHLY
BULLETIN
PUBLISHED BY THE
CHURCH OF CHRIST

# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 8. July & August - 2003 (No. 4)**

**Published every two months
in Oriya Language for the Restoration of pure
New Testament Christianity**

Watch *SATYA VANI* on Teja Channel Every Saturday at 6:30 a.m. inTelugu Language.

Speaker : JOSHUA GOOTAM

---

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - VIII KAKINADA JULY-AUG

## ଉପଯୁକ୍ତ ଭାବେ ବାକ୍ୟର ବିଭାଜନ
## (Rightly Dividing the Word)

ବାଇବଲର ପ୍ରତ୍ୟେକ ପୃଷ୍ଠାର ପ୍ରତ୍ୟେକ ବାକ୍ୟ ସେମାନଙ୍କ ନିମନ୍ତେ ହିଁ ବ୍ୟକ୍ତ କରାଯାଇଅଛି ବୋଲି ଅନେକଙ୍କ ମନୋଭାବ । ଏତଦ୍ୱାରା ସେମାନେ ନୋହଙ୍କ ସଦୃଶ୍ୟ ଏକ ଜାହାଜ ନିର୍ମାଣ ଇଶ୍ରାଏଲ୍‌ମାନଙ୍କ ସଦୃଶ୍ୟ ପଶୁବଳି ଦେବାକୁ ଏବଂ ଯିରୁଶାଲମରେ ବର୍ଷକୁ ଥରେ ଉପାସନା ନିମନ୍ତେ ଯିବାକୁ ସଦାପ୍ରଭୁ ସେମାନଙ୍କ ଜୀବନରେ ଇଚ୍ଛା କରନ୍ତି ବୋଲି ସେମାନଙ୍କ ବିଶ୍ୱାସ । ଏଥିଯୋଗୁଁ ଅନେକ ବିଶ୍ରାମବାର ପାଳନ କରନ୍ତି, ଆପଣା ରୋଜଗାରରୁ ଦଶମାଂଶ ଦାନ କରନ୍ତି ଏବଂ 'ଦଶଆଜ୍ଞା' ଅନୁସରଣ କରନ୍ତି । ଏମାନଙ୍କ ପ୍ରକୃତ ସମସ୍ୟା ହେଲା । ଏମାନେ ଈଶ୍ୱରଙ୍କ ବାକ୍ୟ ଉପଯୁକ୍ତଭାବେ ବିଭାଜନ କରନ୍ତି ନାହିଁ ।

ପ୍ରେରିତ ପାଉଲ ତୀମଥିଙ୍କୁ କହନ୍ତି, "ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।" (୨ୟ ତୀମଥି ୨:୧୫) । ଈଶ୍ୱରଙ୍କ ଇଚ୍ଛା ଜାଣିବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଅନୁସନ୍ଧାନ କରିବା ଆବଶ୍ୟକ । ତାହାଙ୍କ ବାକ୍ୟ କିପରି ବିଶ୍ଳେଷଣ କରିପାରିବା ? ଉପଯୁକ୍ତ ଭାବେ ବିଭାଜନ କରିବା ଦ୍ୱାରା ଈଶ୍ୱରଙ୍କ ବାକ୍ୟ ସ୍ପଷ୍ଟଭାବେ ବିଶ୍ଳେଷଣ କରିପାରିବା ।

ପନ୍ଦର ଶହରୁ ଊର୍ଦ୍ଧ୍ୱ ବର୍ଷର ସମୟ ପାରିଧି ମଧ୍ୟରେ ବାଇବଲ ଲିଖିତ ହୋଇଥିଲା । ଏଥିରେ ଲିଖିତ ପ୍ରତ୍ୟେକ ବାକ୍ୟ ଆପଣଙ୍କ ଓ ମୋ' ପାଇ ନିର୍ଦ୍ଦିଷ୍ଟ ହୋଇନାହିଁ । ତେବେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ କିପରି ବିଭାଜନ କରିପାରିବା ?

ସର୍ବପ୍ରଥମେ, ବାଇବଲର ଅର୍ଥ 'ପୁସ୍ତକ' । ଏହା ୬୬ ପୁସ୍ତକ ଗୁଡ଼ିକର ସଙ୍କଳନ । ଏହା "ପୁରାତନ ନିୟମ" ଓ "ନୂତନ ନିୟମ" ବୋଲି ଦୁଇ ମୁଖ୍ୟଭାଗରେ ବିଭକ୍ତ । ପୁରାତନ ନିୟମର ୩୯ ପୁସ୍ତକ ଗୁଡ଼ିକରେ ଦୁଇ ମୁଖ୍ୟଯୁଗର ବିବରଣ ପଢ଼ିପାରୁ । ପ୍ରଥମ ଯୁଗ

''ଲିଖିତମାନଙ୍କ ଯୁଗ'' (Patriarchal) ରୂପେ ପରିଚିତ । ଆଦମ ଓ ହବାଙ୍କ ସମୟ ଠାରୁ ମୋଶାଙ୍କ ସମୟ ପର୍ଯ୍ୟନ୍ତ ଏହି ଯୁଗ ପ୍ରଚଳନରେ ଥିଲା । ଏହାର ପାରିଧି ୨୫୦୦ ବର୍ଷ ସମୟ । ପରମେଶ୍ୱରଙ୍କ ଆଜ୍ଞାବହ କୂଳପତି ମାନଙ୍କ ସହିତ ପ୍ରତ୍ୟକ୍ଷଭାବେ କଥା କହୁଥିଲେ । ସେ ସମୟରେ ପରମେଶ୍ୱରଙ୍କ ଆଜ୍ଞା ଲିଖିତ ରୂପେ ନଥିଲା । ଏହି ଯୁଗର ଇତିହାସ ଆମ୍ଭେମାନେ ଆଦିପୁସ୍ତକରେ ପଢ଼ିଥାଉଁ ।

ଦ୍ୱିତୀୟ ଯୁଗ, ''ମୋଶାଙ୍କ ବ୍ୟବସ୍ଥାର ଯୁଗ । ମୋଶାଙ୍କ ଠାରୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପର୍ଯ୍ୟନ୍ତ, ୧୫୦୦ ବର୍ଷ ଏହି ଯୁଗର ପାରିଧି । ଏହି ଯୁଗରେ ସଦାପ୍ରଭୁଙ୍କ ସେବକ ମୋଶାଙ୍କ ଲିଖିତ ବ୍ୟବସ୍ଥା ଦ୍ୱାରା ପରମେଶ୍ୱରଙ୍କ ମନୋନୀତ ଗୋଷ୍ଠୀ ଇଶ୍ରାଏଲ୍ ପ୍ରତିପାଳିତ ହୋଇଥିଲେ । ଅବ୍ରାହମଙ୍କ ସନ୍ତାନମାନଙ୍କୁ ମନୋନୀତ କରି ସଦାପ୍ରଭୁ, ଆପଣା ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଏହି ଜଗତରେ ପଠାଇବାର ମାର୍ଗ ପ୍ରସ୍ତୁତ କରିଥିଲେ ।

ତୃତୀୟ ଓ ଶେଷଯୁଗର ନାମ ''ଖ୍ରୀଷ୍ଟିୟାନ ଯୁଗ'' ତାହାଙ୍କ ମୃତ୍ୟୁ ଓ ତାହାଙ୍କ ଆତ୍ମିକ ପରିବାର ରୂପ 'ମଣ୍ଡଳୀ'ର ସ୍ଥାପନ ସହିତ ଏହି ଯୁଗର ଆରମ୍ଭ ହୋଇଥିଲା । ତାହାଙ୍କ ଆଗମନ ପର୍ଯ୍ୟନ୍ତ ଏହି ଯୁଗ ପ୍ରଚଳନରେ ଥିବ । ସେ ଯେଉଁମାନଙ୍କ ନିମନ୍ତେ ସ୍ୱର୍ଗରେ ସ୍ଥାନ ପ୍ରସ୍ତୁତ କରିବା ନିମନ୍ତେ ସ୍ୱର୍ଗକୁ ନୀତ ହୋଇଥିଲେ, ସେମାନଙ୍କୁ ଘେନି ନେଇ ଯିବା ପର୍ଯ୍ୟନ୍ତ ଏହି ଯୁଗର ଅନ୍ତ ନାହିଁ । (ଯୋହନ ୧୪:୧-୩)

ଅତଏବ ଆମ୍ଭେମାନେ ''କୂଳପତିମାନଙ୍କ ଯୁଗରେ'' କିଅବା ''ମୋଶାଙ୍କ ବ୍ୟବସ୍ଥା''ର ଯୁଗରେ ଆମ୍ଭେମାନେ ବାସ କରୁନାହୁଁ । ସେହି ଯୁଗର ବ୍ୟବସ୍ଥା ଦ୍ୱାରା ଆମ୍ଭେମାନେ ଆବଦ୍ଧ ନୋହୁଁ । ପୁରାତନ ନିୟମରେ ଲିଖିତ ବାକ୍ୟଗୁଡ଼ିକ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ମାର୍ଗରେ କଢ଼ାଇନେବାରେ ଉଦାହରଣ ସ୍ୱରୂପ ଲେଖାଯାଏ । କିନ୍ତୁ ବ୍ୟବସ୍ଥା ପାଳନ କରିବା ନିମନ୍ତେ ଆମ୍ଭେମାନେ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ନୋହୁଁ ।

ଏପରି ଭାବେ ଆମ୍ଭେ ପରମେଶ୍ୱରଙ୍କ ବାକ୍ୟ ଉପଯୁକ୍ତଭାବେ ବିଭାଜନ କରିପାରୁ । ଆମ୍ଭେମାନେ ଖ୍ରୀଷ୍ଟିୟାନ ଯୁଗରେ ନିବାସ କରୁଥିବାରୁ, ଖ୍ରୀଷ୍ଟଙ୍କ ବ୍ୟବସ୍ଥାଧିନ ଅଟୁ । ପ୍ରଥମ ଦୁଇ ଯୁଗର ନିୟମାବଳୀରେ ଅନ୍ତର୍ଭୁକ୍ତ ପଶୁବଳି, କିଅବା ଅନ୍ୟାନ୍ୟ ଆଜ୍ଞାଗୁଡ଼ିକ ଆମ୍ଭମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ନୁହେଁ । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିୟମ ଦ୍ୱାରା ଆବଦ୍ଧ ଅଟୁ । ଏବଂ ସେହି ନିୟମ ଦ୍ୱାରା ବିଚାରିତ ହେବୁ ।

କେତୋଟି ଜ୍ଞାନଯୁକ୍ତ ପ୍ରଶ୍ନର ଉତ୍ତର ସହକାରେ ଆମ୍ଭେମାନେ ନୂତନ ନିୟମ ଲିଖିତ ବାକ୍ୟଗୁଡ଼ିକ ଉପଯୁକ୍ତଭାବେ ବିଭାଜନ କରିପାରିବା । ପ୍ରଥମ ପ୍ରଶ୍ନ ହେଲା, ''କିଏ କହିଅଛନ୍ତି ? ଈଶ୍ୱର, ନା ଶୟତାନ, କିଅବା ଅନ୍ୟ କେହି ? ଦ୍ୱିତୀୟ, କାହାକୁ କହିଅଛନ୍ତି ? ଅବିଶ୍ୱାସୀମାନଙ୍କୁ

କିଅବା ଖ୍ରୀଷ୍ଟିୟାନମାନଙ୍କୁ । ସମସ୍ତ ମାନବ ସମାଜକୁ କିଅବା କେତେକ ମନୋନୀତ ବ୍ୟକ୍ତିଙ୍କୁ ? ତୃତୀୟରେ, କେବେ କୁହାଯାଇଥିଲା ? ମଣ୍ଡଳୀ ସ୍ଥାପନର ପ୍ରାରମ୍ଭ ବେଳାରେ କି ଏହି ବାକ୍ୟ କୁହାଯାଇଥିଲା ? କାରଣ ସେ ସମୟରେ ପ୍ରଚାରିତ ବାକ୍ୟ ଆଶ୍ଚର୍ଯ୍ୟକର୍ମଦ୍ୱାରା ସୁଦୃଢ଼ କରିବା ନିମନ୍ତେ ଆଶ୍ଚର୍ଯ୍ୟକର୍ମ ସାଧିତ ହୋଇଥିଲା) କିଅବା ଖ୍ରୀଷ୍ଟିୟାନ ଯୁଗର ପ୍ରତ୍ୟେକ ଖ୍ରୀଷ୍ଟିୟାନ ନିମନ୍ତେ କୁହାଯାଇଥିଲା ? ଚତୁର୍ଥ, କାହିଁକି କୁହାଯାଇଥିଲା ? ବ୍ୟକ୍ତ କରାଯାଇଥିବା ବାକ୍ୟଗୁଡ଼ିକ ଦ୍ୱାରା ପରମେଶ୍ୱର କି ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦ୍ୱାରା ଆମ୍ଭେମାନେ ଲିଖିତ ବାକ୍ୟ ସ୍ପଷ୍ଟଭାବେ ବୁଝିପାରିବା । ପରମେଶ୍ୱରଙ୍କ ବାକ୍ୟ ସୂକ୍ଷ୍ମରୂପେ ବିଶ୍ଳେଷଣ କରିବା ଦ୍ୱାରା ପରମେଶ୍ୱରଙ୍କ ଇଚ୍ଛା ଜାଣି, ତାହାଙ୍କ ବାକ୍ୟ ପାଳନ କରିବା ଦ୍ୱାରା ଆମ୍ଭେମାନେ ଉତ୍ତମ ଖ୍ରୀଷ୍ଟିୟାନ ଜୀବନଯାପନ କରିପାରିବା । ଏହି ଚାରି ପ୍ରଶ୍ନର ଉତ୍ତର ପରମେଶ୍ୱରଙ୍କ ବାକ୍ୟ ସରଳଭାବେ ବୁଝିପାରିବାରେ ସାହାଯ୍ୟ କରେ । ସତ୍ୟ ନିମନ୍ତେ କ୍ଷୁଧିତ ବ୍ୟକ୍ତି ସତ୍ୟ ଅନ୍ୱେଷଣ କରି ତାହା ଅନୁସରଣ କରେ ।

ଅନ୍ୟ ପକ୍ଷରେ, ଶୟତାନ ଓ ତାହାର ଅନୁଚରମାନେ ସତ୍ୟବାକ୍ୟ ଅନୁସନ୍ଧାନ କରି ପାଳନ କରିବାରେ ବାଧାବିଘ୍ନ ସୃଷ୍ଟି କରନ୍ତି । ଭ୍ରାନ୍ତ ହୋଇ, ସମସ୍ତ ବାଧାବିଘ୍ନ ଜୟ କରି ପରମେଶ୍ୱରଙ୍କ ବାକ୍ୟ ଅନ୍ୱେଷଣ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

ବାଇବଲ ଦ୍ୱାରା ପ୍ରଭୁ ଯୀଶୁ ଏହି ଜଗତରେ ପ୍ରକାଶିତ ହୋଇ ଅଛନ୍ତି । ଲିଖିତ ବାକ୍ୟ ଦ୍ୱାରା ଆମ୍ଭେମାନେ ତାହାଙ୍କ ଆଗମନ, ତାହାଙ୍କ ଜୀବନ, ତାହାଙ୍କ ମୃତ୍ୟୁ, ସମାଧି ଓ ପୁନଃରୁଥାନ ବିଷୟରେ ଜାଣିପାରୁ । ଯେଉଁମାନେ ବାକ୍ୟରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର କରେ, ବାପ୍ତିଜିତ ହେବାକୁ ଇଚ୍ଛା କରନ୍ତି, ସେମାନଙ୍କ ନିମନ୍ତେ ସୁସମାଚାର ଶୁଭବାର୍ତ୍ତା ଅଟେ । ଖ୍ରୀଷ୍ଟଙ୍କ ଆତ୍ମିକ ଶରୀର ମଣ୍ଡଳୀ ଓ ସେଥିରେ ଆମ୍ଭେମାନେ କିପରି ସଭ୍ୟ ହୋଇ ପାରିବା ସେ ବିଷୟରେ ନୂତନ ନିୟମରେ ଲିଖିତ ହୋଇଅଛି । (ମାର୍କ ୧୬:୧୬ ଓ ପ୍ରେରିତ ୨:୪୭)

ପରମେଶ୍ୱରଙ୍କ ବାକ୍ୟ ଉପଯୁକ୍ତଭାବେ ବିଭାଜନ କରି ଅଧ୍ୟୟନ କରନ୍ତୁ । ବାକ୍ୟର ଆଜ୍ଞାବହ ହୁଅନ୍ତୁ । ପରମେଶ୍ୱର ଆପଣଙ୍କୁ ଅନନ୍ତଜୀବନ ରୂପ ବରଦାନ ଦେବେ ।

- J.C. Choate

# ଲବଣରେ ସ୍ୱାଦଯୁକ୍ତ ମନୋହର ବାକ୍ୟ
## (With Grace, seasoned with Salt)

ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ କହନ୍ତି, ''ତୁମ୍ଭମାନଙ୍କ ବାକ୍ୟ ସର୍ବଦା ମନୋହର ପୁଣି ଲବଣଯୁକ୍ତ ସ୍ୱାଦଯୁକ୍ତ ହେଉ, ଯେପରି ଏ ବିଷୟରେ କିପରି ଉତ୍ତର ଦେବାକୁ ହୁଏ, ତାହା ଜାଣିପାର ।'' (କଲସୀ ୪:୬) ଏ ବିଷୟରେ ଏଫିସୀ ମଣ୍ଡଳୀକୁ ଲେଖନ୍ତି, ''ତୁମ୍ଭମାନଙ୍କ ମୁଖରୁ କୌଣସି କୁବାକ୍ୟ ନିର୍ଗତ ନହେଉ, ବରଂ ଆବଶ୍ୟକ ଅନୁସାରେ ନିଷ୍ଠାଜନକ ବାକ୍ୟ ନିର୍ଗତ ହେଉ, ଯେପରି ତାହା ଶ୍ରୋତାମାନଙ୍କ ଅନୁଗ୍ରହ ପକ୍ଷରେ ହିତଜନକ ହୁଏ ।'' (ଏଫିସୀ ୪:୨୯)

କୁବାକ୍ୟରୁ ଆପଣାକୁ ଦୂରେଇ ରଖିବା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରାଇବା ଆବଶ୍ୟକ ନୁହେଁ ବୋଲି ମନେହୁଏ । କିନ୍ତୁ ଆମ୍ଭମାନଙ୍କ ଦୈନନ୍ଦିନ ଅନୁଭୂତିରୁ ଏହି ବାକ୍ୟ ଆମ୍ଭମାନଙ୍କ ନିମନ୍ତେ କେତେ ଉପକାରୀ ଜାଣିଥାଉ । ଅନେକ ସତର୍କତା ସତ୍ତ୍ୱେ ଅନେକଙ୍କ ମୁଖରୁ କୁବାକ୍ୟ ଉଚ୍ଚାରିତ ହେଉଥାଏ ।

କୁବାକ୍ୟ ଅର୍ଥାତ୍ କୁତ୍ସିତ ବାକ୍ୟ ଦ୍ୱାରା ମାନବ ସମାଜ କଳୁଷିତ ହୁଏ । ରାଗ, କ୍ରୋଧ, ହିଂସା, ଇର୍ଷାରେ ପରିପୂର୍ଣ୍ଣ ହୃଦୟରୁ କୁବାକ୍ୟ ନିର୍ଗତ ହୁଏ । ଯେଉଁ ହୃଦୟ ସମସ୍ତ ପ୍ରକାର କଳୁଷିତତାରେ ପୂର୍ଣ୍ଣ, ତାହା କି ଆଶୀର୍ବାଦର ବଚନ ଉଚ୍ଚାରଣ କରିବ ? ପରନିନ୍ଦା ତଥା ଯେଉଁ ବାକ୍ୟ ଦ୍ୱାରା ଆମ୍ଭେମାନେ ଅନ୍ୟମାନଙ୍କ ହୃଦୟ କଷ୍ଟ ଦେଉ, ସେହିସବୁ ବାକ୍ୟ ''କୁବାକ୍ୟ''ରି ଅନ୍ତର୍ଗତ ।

ଉତ୍ତମ ନିଷ୍ଠାଜନକ ବାକ୍ୟ, ହିତଜନକ ବାକ୍ୟ ଆମ୍ଭମାନଙ୍କ ଆଚରଣ ହେଉ । ''ସମସ୍ତ ପ୍ରକାର କଟୁଭାବ, ରାଗ, କ୍ରୋଧ, କଳହ ଓ ନିନ୍ଦା,ପୁଣି ସମସ୍ତ ପ୍ରକାର ହିଂସା, ତୁମ୍ଭମାନଙ୍କ ଠାରୁ ଦୂର ହେଉ । ଆଉ, ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର ।'' (ଏଫିସୀ ୪:୩୧-୩୨)

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏହି ବାକ୍ୟ ପାଳନ କଲେ, ମାନବ ସମାଜର କେତେ ମଙ୍ଗଳ ହେବ । ଖ୍ରୀଷ୍ଟିୟାନମାନଙ୍କ ମୁଖରୁ ନିର୍ଗତ କୁତ୍ସିତ ବାକ୍ୟ ଅଖ୍ରୀଷ୍ଟିୟାନମାନଙ୍କୁ ଖ୍ରୀଷ୍ଟଙ୍କ ଠାରୁ ଦୂରେଇ ନିଏ, କିନ୍ତୁ ହିତଜନକ ବାକ୍ୟ ସେମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଫେରାଇ ଆଣେ । ପୁରାତନ ଖ୍ରୀଷ୍ଟିୟାନମାନଙ୍କ ଦୁର୍ବଳତା, ନୂତନ ଖ୍ରୀଷ୍ଟିୟାନମାନଙ୍କ ପତନର କାରଣ ହୋଇଥାଏ । କାରଣ ନୂତନ ଖ୍ରୀଷ୍ଟିୟାନମାନେ, ପୁରାତନ ଖ୍ରୀଷ୍ଟିୟାନମାନଙ୍କୁ ଅନୁସରଣ କରନ୍ତି । ଏତଦ୍ୱାରା ସାଧୁ

ସଚ୍ଚୋଟ ନୂତନ ଖ୍ରୀଷ୍ଟିୟାନମାନେ, ଅନ୍ୟମାନଙ୍କ ଅହିତଜନକ ବା କୁବାକ୍ୟ ବାକ୍ୟ ପଥଭ୍ରଷ୍ଟ ହେବାର ସମ୍ଭାବନା ଥାଏ ।

ଯାକୁବଙ୍କ ଅନୁଯାୟୀ,"...........ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡୁ । ଯଦି କେହି ବାକ୍ୟରେ ଝୁଣ୍ଟି ନପଡ଼େ, ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ ।" (ଯାକୁବ ୩:୨) । "କିନ୍ତୁ ଜିହ୍ୱାକୁ କେହି ବଶରେ ରଖିପାରେ ନାହିଁ, ଅନିଷ୍ଟ ସାଧନରେ ତାହାର ବିରାମ ନାହିଁ, ମାରାତ୍ମକ ଗରଳରେ ତାହା ପରିପୂର୍ଣ୍ଣ ।"

ହିଂସ୍ରକ ଜନ୍ତୁକୁ ଖୋଲା ଛାଡ଼ିଦେଲେ ସେ ଯେପରି ଅନେକ କ୍ଷତି କରେ, ଠିକ୍ ସେହିପରି କ୍ଷତଦାୟକ ଆମ୍ଭମାନଙ୍କ ଜିହ୍ୱାକୁ ବନ୍ଧନରେ ରଖୁ । କୁତ୍ସିତ, ଅହିତଜନକ କ୍ଷତିଦାୟକ ବାକ୍ୟ ଆମ୍ଭମାନଙ୍କ ମୁଖରୁ ନିର୍ଗତ ନହେଉ । ଅନାବଶ୍ୟକ କୁବାକ୍ୟ ଦ୍ୱାରା ଅନ୍ୟମାନଙ୍କ କ୍ଷତି ଓ ବିଘ୍ନଦାୟକ ନ ହେଉ । ଆମ୍ଭମାନଙ୍କ ଜିହ୍ୱା ଆମ୍ଭମାନଙ୍କୁ ଗଠନ କରେ ବା ସତ୍ୟରୁ ପତନ କରେ । ଏହାର ସଦ୍‌ବ୍ୟବହାରରେ ଜୀବନ ଅଛି ।

**- YARBROUGH LEIGH**

# ଜୀବନର ଅର୍ଥ
## (The Meaning of Life)

ଅନେକ ଶତାବ୍ଦୀ ତଳେ ମହାରାଜା ଦାଉଦ,"ମନୁଷ୍ୟ କିଏ ଯେ, ତୁମ୍ଭେ ତାହାର ମନୋଯୋଗୀ ହେଉଅଛ ? ଓ ମନୁଷ୍ୟର ସନ୍ତାନ କିଏ ଯେ, ତୁମ୍ଭେ ତାହାର ତତ୍ତ୍ୱାବଧାନ କରୁଅଛ ?" (ଗୀତ ୮:୪) ବୋଲି ପରମେଶ୍ୱରଙ୍କୁ ପ୍ରଶ୍ନ କରିଥିଲେ । ମନୁଷ୍ୟ ଓ ଜନ୍ତୁମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ପାଉ । ସେମାନେ ନିଃଶ୍ୱାସପ୍ରଶ୍ୱାସ ନିଅନ୍ତି, ଏକ ପ୍ରକାର ଖାଦ୍ୟ ଖାଆନ୍ତି, ଏବଂ ସେମାନଙ୍କର ଶାରିରୀକ ଆବଶ୍ୟକତାରେ ମଧ୍ୟ ସମାନତା ଦେଖାଯାଏ । କିନ୍ତୁ ଆତ୍ମିକଭାବେ ମନୁଷ୍ୟ ଓ ଜନ୍ତୁମାନଙ୍କ ମଧ୍ୟରେ ପ୍ରଭେଦ ରହିଅଛି ।

ଶାରୀରିକ ଭାବେ ଆମେମାନେ କେତେ ପରିମାଣରେ ଜନ୍ତୁମାନଙ୍କ ସହିତ ସମାନ ହେଲେ ହେଁ, ଆତ୍ମିକଭାବେ ଜନ୍ତୁମାନଙ୍କ ସହିତ ମନୁଷ୍ୟମାନଙ୍କର କୌଣସି ସାମଞ୍ଜସ୍ୟ ନାହିଁ । ଆମ୍ଭେମାନେ ଜଗତରେ ଜନ୍ମଗ୍ରହଣ କରିବାର ଉଦ୍ଦେଶ୍ୟ କଅଣ ? ମନୁଷ୍ୟ ଜୀବନ କ୍ଷଣଭଙ୍ଗୁର । ଏହି କ୍ଷଣିକ ଜୀବନ ଆମ୍ଭେମାନେ କିପରି ଫଳପ୍ରଦଭାବେ କଟାଇ ପାରିବା ? ଶାରୀରିକ ଅଭିଳାଷ ଭୋଗ କରିବାରେ କିଅବା ପରମେଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ କରିବାରେ ?

ଆମ୍ଭମାନଙ୍କ ଜୀବନ, ଜନ୍ତୁମାନଙ୍କ ଜୀବନଠାରୁ ପୃଥକ୍ ହୋଇଥିବାରୁ, ମୃତ୍ୟୁପରେ ଆମ୍ଭମାନଙ୍କ ଆତ୍ମାର ଦଶା ବିଷୟରେ ଆମ୍ଭେମାନେ ଜାଣିବା ଆବଶ୍ୟକ । ଜଗତରେ ଆମ୍ଭମାନଙ୍କ ଜୀବନକାଳ ଅତି ଅଳ୍ପ । ''ସ୍ତ୍ରୀଜାତ ମନୁଷ୍ୟ ଅଳ୍ପାୟୁ ଓ ଦୁଃଖରେ ପରିପୂର୍ଣ୍ଣ । ସେ ପୁଷ୍ପତୁଲ୍ୟ ପ୍ରସ୍ଫୁଟିତ ହୋଇ କଟାଯାଏ, ମଧ୍ୟ ସେ ଛାୟାତୁଲ୍ୟ ବହିଯାଇ ସ୍ଥିର ନଥାଏ । ଆଉ, ତୁମ୍ଭେ ଏପରି ଜଣକ ଉପରେ କଅଣ ଆପଣା ଦୃଷ୍ଟି ରଖୁଅଛ ଓ ଆପଣା ନିକଟକୁ ବିଚାରାର୍ଥେ କଅଣ ମୋତେ ଆଣୁଅଛ ?'' (ଆୟୁବ ୧୪:୧,୨) । ମନୁଷ୍ୟର ମରଣରେ ଓ ଜନ୍ତୁର ମରଣରେ କି କିଛି ପାର୍ଥକ୍ୟ ନାହିଁ ? ମୃତ୍ୟୁପରେ କି ଆମର ଜୀବନ ନାହିଁ ? ଏ ସବୁ ପ୍ରଶ୍ନର ଉତ୍ତର ଆମ୍ଭେମାନେ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଠାରୁ ପାଇପାରିବା । ତାହାଙ୍କ ଦ୍ୱାରା ଲିଖିତ ବାଇବଲରେ ପଢ଼ିପାରିବା । ମନୁଷ୍ୟ କିଏ, କାହିଁକି ଏହି ଜଗତରେ ଜନ୍ମଗ୍ରହଣ କରିଅଛି, ମରଣ ପରେ ମନୁଷ୍ୟର ଗତି କଅଣ ଏହାର ଉତ୍ତର ଆମ୍ଭେମାନେ ତାହାଙ୍କ ପୁସ୍ତକ ବାଇବଲରେ ପାଇପାରିବା ।

## ମନୁଷ୍ୟ କିଏ ?

ମନୁଷ୍ୟ କିଏ ? ମନୁଷ୍ୟ ଓ ପଶୁମାନଙ୍କ ମଧ୍ୟରେ ପାର୍ଥକ୍ୟ କଅଣ ? ଏହି ପ୍ରଶ୍ନର ଜବାବରେ ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି,''ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ଆତ୍ମା, ପ୍ରାଣ, ଶରୀର ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହେଉ ।'' (ଥେସ ୫:୨୩) । ଆମ୍ଭମାନଙ୍କ ସଦୃଶ୍ୟ ପଶୁମାନଙ୍କର ଆତ୍ମା ନାହିଁ, ସେମାନେ କେବଳ ରକ୍ତମାଂସ ବିଶିଷ୍ଟ ଶରୀରଧାରୀ ଜୀବନ । ଆଦମଙ୍କ ସଦୃଶ୍ୟ ଆମ୍ଭମାନଙ୍କ ଶରୀର ଏହି ଜଗତରେ ଜୀବନଯାପନ କରିବା ପରେ ମୃତ୍ୟୁଭୋଗୀ, କ୍ଷୟପ୍ରାପ୍ତ ହୋଇ ମାଟିରେ ମିଶିଯାଏ । କିନ୍ତୁ ମନୁଷ୍ୟର ଆତ୍ମା ନିତ୍ୟଜୀବୀ । ଲେଖାଯାଏ,''ପୁଣି, ଧୂଳି ପୂର୍ବପରି ମୃତ୍ତିକାରେ ଲୀନ ହେବ, ଆଉ ଆତ୍ମାଦାତା ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରିଯିବ ।'' (ଉପ ୧୨:୭)

## ଆମ୍ଭେମାନେ କାହିଁକି ଏଠାରେ ବାସ କରୁଅଛୁ ?

ଏହି ଜଗତରେ ଆମ୍ଭମାନଙ୍କ ସମୟ ଅତି ଅଳ୍ପ । ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକେ ମୃତ୍ୟୁ ଭୋଗିବା । ତେଣୁକରି, ଶାରିରୀକ ଅଭିଳାଷପୂର୍ଣ୍ଣ ''ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନ କର । ମୁର୍ଖତାର ବିଷୟ, ଯଦି ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମନକର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରିରୀକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ । ପୁଣି ସଂସାର ଓ ସେଥିର ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ ନିତ୍ୟସ୍ଥାୟୀ ।'' (୧ମ ଯୋହନ ୨:୧୫-୧୭) । ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର କହନ୍ତି, ''ଆଉ, ମନୁଷ୍ୟ

ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ? (ମାଥିଉ ୧୬:୨୬) । ଈଶ୍ୱରଙ୍କ ବ୍ୟକ୍ତ ଆଜ୍ଞା ସକଳ ପାଳନ କରି ତାହାଙ୍କୁ ଗୌରବାନ୍ୱିତ କରିବା ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ ହେଉ । ଜ୍ଞାନୀ ଶଲୋମନ କହନ୍ତି, ''........ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟମାନଙ୍କ ପୂର୍ଣ୍ଣ କର୍ତ୍ତବ୍ୟ ।'' (ଉପଦେଶକ ୧୨:୧୩)

## ଆମ୍ଭେମାନେ କେଉଁଠାକୁ ଯାଉଅଛୁ ?

ଆମ୍ଭମାନଙ୍କ ମୃତ୍ୟୁପରେ ଆମ୍ଭମାନଙ୍କ ଆତ୍ମାର ଗତି କଅଣ ? ଏହି ଜଗତର ଜୀବନର ଶେଷରେ ଆମ୍ଭେମାନେ କେଉଁଠାକୁ ଯିବା ? ମୃତ୍ୟୁପରେ ଆମ୍ଭେମାନେ ପ୍ରତ୍ୟେକେ ବିଚାରିତ ହେବା, ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ, ତାହାପରେ ବିଚାର ନିରୂପିତ ଅଛି.........'' (ଏବ୍ରୀ ୯:୨୭,୨୮) । ମନୁଷ୍ୟମାନେ ଆପଣା ଆପଣା କର୍ମାନୁଯାୟୀ ପ୍ରତିଫଳ ପାଇବେ । (ରୋମ ୪:୧୨) । ଏହି ପୃଥିବୀରେ ଆମ୍ଭମାନଙ୍କ କୃତକର୍ମାନୁଯାୟୀ ଆମ୍ଭେମାନେ ପ୍ରତିଫଳ ପାଇବା ।'' (୨ୟ କରିନ୍ଥୀ ୫:୧୦)

ବିଚାର ପରେ କେବଳ ଦୁଇଟି ସ୍ଥଳ ନିରୂପିତ ହୋଇଅଛି, ପରମେଶ୍ୱର ଓ ତାହାଙ୍କ ପୁତ୍ର ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ଏହି ପରମେଶ୍ୱର ଓ ତାହାଙ୍କ ପୁତ୍ର ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ଏହି ଜୀବନ କଟାଇବା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏକ ଶାନ୍ତିମୟ, ସୁଖମୟ ବିଶ୍ରାମସ୍ଥଳ ନିରୂପିତ ହୋଇଅଛି । ଏହାହିଁ ସ୍ୱର୍ଗ ଅଟେ । (୧ମ ଯୋହନ ୧୪:୧-୩, ୧ମ କରିନ୍ଥୀ ୪:୧୬, ୫:୬, ଫିଲିପ ୩:୨୦, ପ୍ରକାଶିତ ବାକ୍ୟ ୨:୩୫) । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାବହ ନହୋଇ ଏହି ଜୀବନ ଜାଗତିକ ଭୋଗବିଳାସରେ ବିତାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ 'ନରକ' ନାମକ ସ୍ଥଳ ନିରୂପିତ ହୋଇଅଛି । ଏହାହିଁ 'ଦ୍ୱିତୀୟ ମୃତ୍ୟୁ', 'ଅଗ୍ନିର ହ୍ରଦ' (ମାଥିଉ ୧୦:୨୮,୨୫:୪୬, ୨ୟ ଥେସ ୧:୭-୧୦)

## ନିର୍ଣ୍ଣୟ ମୋ' ହାତରେ :

ପରମେଶ୍ୱର ଆମ୍ଭମାନଙ୍କୁ ପ୍ରେମ କରନ୍ତି ଏବଂ ପରିତ୍ରାଣ ଦେବାକୁ ଇଚ୍ଛା କରନ୍ତି । ଆମ୍ଭେମାନେ ଯେପରି ପରିତ୍ରାଣ ପାଇପାରୁ ଏଥିନିମନ୍ତେ ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ, ଆମ୍ଭମାନଙ୍କ ପାପକ୍ଷମା ନିମନ୍ତେ ଏହି ଜଗତକୁ ପ୍ରେରଣ କରିଥିଲେ । (ଯୋହନ ୩:୧୬) । କିନ୍ତୁ ପରମେଶ୍ୱର ତାହାଙ୍କ ନିକଟକୁ ମନୁଷ୍ୟମାନେ ଫେରି ଆସିବା ନିମନ୍ତେ କୌଣସି ଶକ୍ତି ପ୍ରୟୋଗ କରନ୍ତି ନାହିଁ । ପରମେଶ୍ୱରଙ୍କ ନିକଟକୁ ଯିବା ବା ନଯିବା ଆମ୍ଭମାନଙ୍କ ସ୍ୱଇଚ୍ଛାଗତ । ଯୀଶୁ ଆମ୍ଭମାନଙ୍କୁ ଆହ୍ୱାନ କରି କହନ୍ତି, ''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁ୍ୟଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ

ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ ।'' (ମାଥିଉ ୧୧:୨୮,୨୯) । ତାହାଙ୍କ ନିକଟକୁ ଆସିବା ନିମନ୍ତେ, ଆମ୍ଭମାନଙ୍କୁ ସର୍ବପ୍ରଥମେ, ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବା ଆବଶ୍ୟକ । (ଯୋହନ ୮:୨୪) ଆମ୍ଭମାନଙ୍କ ପାପ ବିଷରେ ମନ ପରିବର୍ତ୍ତନ କରିବା ଆବଶ୍ୟକ । (ଲୂକ ୧୩:୩) ମନୁଷ୍ୟମାନଙ୍କ ସମ୍ମୁଖରେ ଆମ୍ଭମାନଙ୍କ ବିଶ୍ୱାସ କରି (ରୋମୀୟ ୧୦:୯,୧୦, ପ୍ରେରିତ ୮:୩୭) ବାପ୍ତିସ୍ମରେ ଜଳରେ ସମାଧିପ୍ରାପ୍ତ ହୋଇ ଏକ ନୂତନ ଜୀବନପ୍ରାପ୍ତ ହୋଇପାରିବା । (ରୋମୀୟ ୬:୩-୫, ପ୍ରେରିତ ୨:୩୮, ୨ୟ କରିନ୍ଥୀ ୫:୧୭) । ଏହାହିଁ ପ୍ରକୃତ ଜୀବନର ଅର୍ଥ ।

**- Rod Rutherford**

# ଧର୍ମଶାସ୍ତ୍ରରେ ବର୍ଣ୍ଣିତ ଯୀଶୁଖ୍ରୀଷ୍ଟ

## (Jesus as Pictured in Scripture)

ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ବିଷୟରେ ଧର୍ମଶାସ୍ତ୍ରରେ ସୁନ୍ଦରଭାବେ ବର୍ଣ୍ଣନା କରାଯାଇଅଛି । ତାହାଙ୍କ ବିଷୟ ଜ୍ଞାନ ଆମ୍ଭମାନଙ୍କୁ ତାହାଙ୍କ ନିକଟକୁ ଆକର୍ଷଣ କରେ । ''ଆଉ, ମୁଁ ଯଦି ପୃଥିବୀରୁ ଉର୍ଦ୍ଧ୍ୱକୁ ଉତ୍‌ଥିତ ହେବି, ତାହାହେଲେ ସମସ୍ତଙ୍କୁ ଆପଣା ନିକଟକୁ ଆକର୍ଷଣ କରିବି ।'' (ଯୋହନ ୧୨:୩୨)

**ପ୍ରେମମୟ ପିତାଙ୍କ ଅଦ୍ୱିତୀୟ ପୁତ୍ର :**

''ଶିମୋନ ପିତର ଉତ୍ତର ଦେଲେ, ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' (ମାଥିଉ ୧୬:୧୬) ଏଠାରେ ପିତର ସରଳଭାବେ ଓ ସାହସ ସହକାରେ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରନ୍ତି । ସେ, ଖ୍ରୀଷ୍ଟ, ମହାନ ଭାବବାଦୀ, ପ୍ରଧାନ ଯାଜକ, ରାଜା ଏବଂ ପ୍ରତିଜ୍ଞାତ ମଶୀହ ଅଟନ୍ତି । ଜୀବନ୍ତ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ସ୍ୱୟଂଜୀବୀ ଅଟନ୍ତି । ଆପଣ କି ସେହି ଜୀବନ୍ତ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଅଛନ୍ତି ?

**ଜଗତର ତ୍ରାଣକର୍ତ୍ତା :**

''ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।'' (ଲୂକ ୧୯:୧୦) । ଏହା ହିଁ ତାହାଙ୍କ ପୃଥିବୀରେ ଜନ୍ମ ନେବାର ମୁଖ୍ୟ ଉଦ୍ଦେଶ୍ୟ । ମନ ପରିବର୍ତ୍ତନ କରିବା ନିମନ୍ତେ ସେ ଆପଣା ନିକଟକୁ ପାପୀମାନଙ୍କୁ ଆହ୍ୱାନ କରନ୍ତି । ''ଆମ୍ଭେ ବଳିଦାନ ଭଲ ନପାଇ ଦୟା ଭଲ ପାଉ, ଏହି ବାକ୍ୟର ମର୍ମ ତୁମ୍ଭେମାନେ ଯାଇ ଶିକ୍ଷା କର । କାରଣ ମୁଁ

ଧାର୍ମିକମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସିଅଛି ।'' (ମାଥିଉ ୯:୧୩) ପାପୀମାନଙ୍କୁ ଅନ୍ୱେଷଣ କରି ପରିତ୍ରାଣ ଦେବା ନିମନ୍ତେ ଏହି ଜଗତକୁ ଆସିଥିଲେ । ତାହାଙ୍କୁ ପରିତ୍ରାଣ କର୍ତ୍ତାରୂପେ ଆପଣ, ଆପଣା ହୃଦୟରେ ସ୍ଥାନ ଦେଇଅଛନ୍ତି ?

## ସ୍ୱର୍ଗରୁ ଆଗତ ଶିକ୍ଷକ :

''ଫାରୁଶୀମାନଙ୍କ ମଧ୍ୟରେ ନୀକଦୀମ ନାମକ ଜଣେ ବ୍ୟକ୍ତି ଥିଲେ । ସେ ଯିହୂଦୀମାନଙ୍କର ଜଣେ ନେତା । ସେ ରାତ୍ରୀ ସମୟରେ ଯୀଶୁଙ୍କ ନିକଟକୁ ଆସି ତାହାଙ୍କୁ କହିଲେ, ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ କାର୍ଯ୍ୟକ୍ରମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ ସେସବୁ କେହି କରିପାରନ୍ତି ନାହିଁ । '' (ଯୋହନ ୩:୧-୨) ଖ୍ରୀଷ୍ଟ, ଈଶ୍ୱରଙ୍କ ଠାରୁ ଆଗତ ଶିକ୍ଷକ । ସ୍ୱର୍ଗ ଓ ମର୍ତ୍ତ୍ୟର ସମସ୍ତ ଅଧିକାର ତାହାଙ୍କୁ ଦତ୍ତ ହୋଇଥିଲା । (ମାଥିଉ ୨୮:୨୮) ଅନ୍ଧକାର ଓ ଅଜ୍ଞାନତାର ଜଗତରେ ଖ୍ରୀଷ୍ଟ ଆଲୋକ ଅଟନ୍ତି । ସେ ଆଲୋକ ଓ ସତ୍ୟ ଅଟନ୍ତି । ଆପଣ କି ସେହି ଶିକ୍ଷକଙ୍କ ଶିକ୍ଷାରେ ଶିକ୍ଷିତ ହେବାକୁ ଇଚ୍ଛା କରନ୍ତି ?

## ଆପଣା ପ୍ରଜାଙ୍କୁ ପାପରୁ ମୁକ୍ତ କରନ୍ତି :

''ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।'' (ମାଥିଉ ୧:୨୧) ସେ ତାହାଙ୍କ ନିକଟକୁ ଆସିବା ପ୍ରତ୍ୟେକ ପାପୀଙ୍କୁ ପରିତ୍ରାଣ ଦାନ କରନ୍ତି, ଏଥି ନିମନ୍ତେ ତାହାଙ୍କ ନାମ ଯୀଶୁ ଅଟେ । ''ଆତ୍ମା ଓ କନ୍ୟା କହନ୍ତି ଆସ । ପୁଣି ଯେ ଶୁଣେ, ସେ କହୁ, ଆସ । ଯେ ତୃଷାର୍ତ୍ତ, ସେ ଆସୁ, ଯେ ଇଚ୍ଛା କରେ, ସେ ବିନାମୂଲ୍ୟରେ ଜୀବନଦାୟକ ଜଳପାନ କରୁ ।'' (ପ୍ରକାଶିତ ୨୨:୧୭) ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରନ୍ତି । ଆମ୍ଭମାନଙ୍କ ଜୀବନରେ ଆତ୍ମାଙ୍କ ଫଳ ଦ୍ୱାରା ପ୍ରଭୁ ଆମ୍ଭମାନଙ୍କୁ ରକ୍ଷା କରନ୍ତି । ''କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା ଓ ଆତ୍ମ ସଂଯମ । ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ । ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କର ସେମାନେ ଶରୀରକୁ ସେଥିର କାମନା ଓ ଅଭିଳାଷ ସହିତ କ୍ରୁଶରେ ହତ କରିଅଛନ୍ତି ।'' (ଗାଲାତୀ ୫:୨୨-୨୫) ଆପଣ କି ଯୀଶୁଖ୍ରୀଷ୍ଟଙ୍କୁ ଆପଣା ଜୀବନର ପାପ ଧୌତ କରିବାକୁ ସୁଯୋଗ ଦେଇଅଛନ୍ତି ?

## ଅଭିଷିକ୍ତ ପରମେଶ୍ୱର :

''ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ । ପରମେଶ୍ୱର କହିଲେ, ଯୀଶୁଖ୍ରୀଷ୍ଟ ତାହାଙ୍କ ପ୍ରିୟ ପୁତ୍ର ଅଟନ୍ତି ।

ପରମେଶ୍ୱରଙ୍କ ଐଶ୍ୱରିକ ଶକ୍ତି ଦ୍ୱାରା ଯୀଶୁଖ୍ରୀଷ୍ଟ ଏକ କନ୍ୟା ଦ୍ୱାରା ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । "ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ, ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁଏଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ ।" (ଯିଶାଇୟ ୭:୧୪) ସେ ଆମ୍ଭମାନଙ୍କ ପାପରୁ ରକ୍ଷା କରୁଥିବାରୁ, ସେ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ସେ ପରମେଶ୍ୱରଙ୍କ ଅଭିଷିକ୍ତ ବ୍ୟକ୍ତି ଅଟନ୍ତି । "ଆମ୍ଭେ ମଧ୍ୟତାହାକୁ ଆମ୍ଭର ପ୍ରଥମଜାତ, ପୃଥିବୀସ୍ଥ ରାଜଗଣ ମଧ୍ୟରେ ସର୍ବୋଚ୍ଚ କରିବା ।" (ଗୀତ ୮୯:୨୭) ପିତା ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିବା ଦ୍ୱାରା, ତାହାଙ୍କ ପ୍ରେମ, ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୁଏ । ଯାହାଙ୍କୁ ଆମ୍ଭେ ଧାରଣ କରୁ, ଏପରି ଆମ୍ଭ ଦାସଙ୍କୁ, ଯାହାଙ୍କ ଠାରେ ଆମ୍ଭ ଚିତ୍ତ ସନ୍ତୁଷ୍ଟ, ଏପରି ଆମ୍ଭର ମନୋନୀତ ଲୋକଙ୍କୁ ଦେଖ,ଆମ୍ଭେ ତାହାଙ୍କ ଉପରେ ଆପଣା ଆତ୍ମା ସ୍ଥାପନ କରିଅଛୁ । ସେ ଅନ୍ୟ ଦେଶୀୟମାନଙ୍କ ମଧ୍ୟରୁ ନ୍ୟାୟ ବିଚାର ଆଣିବେ ।" (ଯିଶାଇୟ ୪୨:୧) ପରମେଶ୍ୱରଙ୍କ ଅଭିଷିକ୍ତଙ୍କୁ ଆପଣ କି ଆପଣା ଜୀବନରେ ସ୍ଥାନ ଦେଇଅଛନ୍ତି ?

## ବିଶ୍ୱାର ନେତା ଓ ସିଦ୍ଧିଦାତା :

"ଅତଏବ, ଏଡ଼େ ବୃହତ୍ ମେଘତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ । ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛଜ୍ଞାନ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି । ତୁମ୍ଭେମାନେ ଯେପରି ଆପଣା ଆପଣା ମନରେ ଶ୍ରାନ୍ତକ୍ଳାନ୍ତ ନହୁଅ । ଏଥିପାଇଁ ସେ ପାପୀମାନଙ୍କ ଠାରୁ ଆପଣା ବିରୁଦ୍ଧରେ ଏଡ଼େ ପ୍ରତିକୂଳାଚରଣ ସହ୍ୟ କଲେ । ତାହାଙ୍କ ବିଷୟ ବିବେଚନା କର । ତୁମ୍ଭେମାନେ ପାପ ବିରୁଦ୍ଧରେ ଯୁଦ୍ଧ କରି ଏଯାଏ ରକ୍ତବ୍ୟୟ ପର୍ଯ୍ୟନ୍ତ ପ୍ରତିରୋଧ କରିନାହଁ ।" (ଏବ୍ରୀ ୧୨:୧-୪) ଆମ୍ଭମାନଙ୍କ ବଳିଦାନ, ଆଦର୍ଶ ଓ ଉତ୍ସାହଦାତା । ସେ ଆମ୍ଭମାନଙ୍କ ପରିତ୍ରାଣର ଆରମ୍ଭ ଓ ଶେଷ ଅଟନ୍ତି । ଆମ୍ଭମାନଙ୍କ ଦୃଷ୍ଟି ତାହାଙ୍କ ଉପରେ ରଖି ଏ ଜୀବନ ପଥରେ ଆଗେଇ ଯାଇ । ଆପଣଙ୍କ ଦୃଷ୍ଟି କେଉଁଠାରେ ?

## ସେ, 'ଆମ୍ଭମାନଙ୍କ ସହିତ ଈଶ୍ୱର' :

ଆଉ ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁଏଲ ଦେବେ । ଏହି ନାମର ଅର୍ଥ 'ଆମ୍ଭମାନଙ୍କ ସହିତ ଈଶ୍ୱର ।' (ମାଥିଉ ୧:୨୩)

## ଈଶ୍ୱରଙ୍କ ମହାନ ଭାବବାଦୀ :

''ମୋଶା ତ କହିଥିଲେ, ପ୍ରଭୁ ଈଶ୍ୱର ତୁମ୍ଭମାନଙ୍କର ଭ୍ରାତୃଗଣ ମଧ୍ୟରୁ ତୁମ୍ଭମାନଙ୍କ ନିମନ୍ତେ ମୋହର ସଦୃଶ୍ୟ ଜଣେ ଭାବବାଦୀଙ୍କୁ ଉତ୍ପନ୍ନ କରିବେ, ଯେଉଁ ଯେଉଁ ବିଷୟରେ ସେ ତୁମ୍ଭମାନଙ୍କୁ କହିବେ, ସେହିସବୁ ବିଷୟରେ ତୁମ୍ଭେମାନେ ତାହାଙ୍କ କଥା ଶୁଣିବ ।'' (ପ୍ରେରିତ ୩:୨୨-୨୩)

**ସେ 'କ' ଓ 'କ୍ଷ' ଅଟନ୍ତି :**

''ଯେ ବର୍ତ୍ତମାନ, ଭୂତ ଓ ଭବିଷ୍ୟଦ ଯେ ସର୍ବଶକ୍ତିମାନ, ସେହି ପ୍ରଭୁ ଈଶ୍ୱର କହନ୍ତି, ଆମ୍ଭେ 'କ' ଓ 'କ୍ଷ' ।'' (ପ୍ରକାଶିତ ୧:୮)

**ଯୀଶୁ ଆମ୍ଭମାନଙ୍କ ସପକ୍ଷବାଦୀ :**

''ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନକର । ଏଥି ନିମନ୍ତେ ମୁଁ ଏହିସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି । କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ ।'' (୧ମ ଯୋହନ ୨:୧)

**ପ୍ରକୃତ ଦ୍ରାକ୍ଷାଲତା :**

''ମୁଁ ପ୍ରକୃତ ଦ୍ରାକ୍ଷାଲତା, ପୁଣି ମୋହର ସ୍ୱର୍ଗୀୟ ପିତା କୃଷକ ।'' (ଯୋହନ ୧୫:୧)

**ଆମ୍ଭମାନଙ୍କ ପ୍ରଧାନ ଯାଜକ :**

''ଅତଏବ, ହେ ସ୍ୱର୍ଗୀୟ ଆହ୍ୱାନର ସହଭାଗୀ, ପବିତ୍ର ଭ୍ରାତୃଗଣ, ଆମ୍ଭମାନଙ୍କ ବିଶ୍ୱାସମତନୁସାରେ ପ୍ରେରିତ ଓ ମହାଯାଜକ ଯୀଶୁଙ୍କ ବିଷୟ ଭାବି ଦେଖ ।'' (ଏବ୍ରୀ ୩:୧)

**ପଥ, ସତ୍ୟ ଓ ଜୀବନ :**

''ଯୀଶୁ ତାଙ୍କୁ କହିଲେ, ମୁଁ ପଥ ସତ୍ୟ ଓ ଜୀବନ, ମୋ' ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।'' (ଯୋହନ ୧୪:୬)

**ଆମ୍ଭମାନଙ୍କ ପାପର ବଳି :**

''ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାରବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ୍ୟ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛି ।'' (୧ମ ପିତର ୧:୧୮-୧୯)

ଈଶ୍ୱରଙ୍କ ପୁତ୍ର ପାଉଲଙ୍କ ପ୍ରେମ କରି ଆପଣା ଜୀବନଦାନ କଲେ । (ଗାଲାତୀ ୨:୨୦) । ଏହି ସତ୍ୟତା ପାଉଲଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲା ଓ ଆପଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ । କ୍ରୁଶ ଦ୍ୱାରା ଈଶ୍ୱର ଆମ୍ଭମାନଙ୍କୁ ଆକର୍ଷିତ କରନ୍ତି । (ଯୋହନ ୧୨:୩୨) । କ୍ରୁଶରେ ହତ ଖ୍ରୀଷ୍ଟଙ୍କୁ ଆମ୍ଭେ ପ୍ରଚାର କରୁ । ମରଣ ପର୍ଯ୍ୟନ୍ତ ତାହାଙ୍କ କ୍ରୁଶ ମୁଁ ସ୍ମରଣ କରି

ବିଶ୍ୱସ୍ତ ଜୀବନଯାପନ କରିବି । କାରଣ ସେ ପ୍ରଥମେ ଆମ୍ଭମାନଙ୍କୁ ପ୍ରେମ କଲେ । (୧ମ ଯୋହନ ୪:୧୯)

- Charles Box

# "ସେହିପ୍ରକାରେ ତୁମ୍ଭମାନଙ୍କର ଆଲୋକ ପ୍ରକାଶ ପାଉ ... ..."

## ("Let your light so shine... ...")

"ତୁମ୍ଭେମାନେ ଜଗତର ଜ୍ୟୋତି... ... । ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ... ..." (ମାଥିଉ ୪:୧୪, ୧୬) ଆମ୍ଭମାନଙ୍କ ଜୀବନରେ ତାହାଙ୍କ ଗୌରବ ପ୍ରତିବିମ୍ବିତ ହୁଏ । "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ । ପୃଥିବୀ ନିର୍ଜ୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା, ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ । ଅନନ୍ତର ପରମେଶ୍ୱର କହିଲେ,"ଦୀପ୍ତି ହେଉ ତହିଁରେ ଦୀପ୍ତି ହେଲା ।" (ଆଦି ୧:୧-୩) ବିଶ୍ୱର ସୃଷ୍ଟିପରେ, ସଦାପ୍ରଭୁ ପ୍ରଥମେ ଦିପ୍ତୀ ସୃଷ୍ଟି କରିଥିଲେ । ବୃକ୍ଷଲତା ଏବଂ ପ୍ରତ୍ୟେକ ଜୀବରାଶି ନିମନ୍ତେ ଆଲୋକ ନିତାନ୍ତ ଆବଶ୍ୟକ । ଜୀବନ ଓ ଅଭିବୃଦ୍ଧି ନିମନ୍ତେ ପ୍ରତ୍ୟେକ ଜୀବନ ଆଲୋକ ଉପରେ ନିର୍ଭର କରେ । ଶାରିରୀକ ଜୀବନ ନିମନ୍ତେ ଆଲୋକ ଯେପରି ଅତ୍ୟନ୍ତ ଆବଶ୍ୟକ, ଆତ୍ମିକ ଜୀବନର ଅଭିବୃଦ୍ଧି ନିମନ୍ତେ ମଧ୍ୟ ଆଲୋକ ନିତାନ୍ତ ଆବଶ୍ୟକ ।

ଅନେକ ଶତାବ୍ଦୀ ପୁର୍ବେ ମହାରାଜା ଦାଉଦ କହିଲେ, "ତୁମ୍ଭ ବାକ୍ୟ ମୋ' ଚରଣ ପାଇ ପ୍ରଦୀପ ଓ ମୋ' ପଥ ପାଇ ଆଲୁଅ ଅଟେ । ...ତୁମ୍ଭ ବାକ୍ୟର ବିକାଶ ଆଲୁଅ ପ୍ରଦାନ କରେ, ତାହା ନିର୍ବୋଧକୁ ବୋଧ ଦିଏ ।" (ଗୀତ ୧୧୯:୧୦୫, ୧୩୦) । ଈଶ୍ୱରଙ୍କ ବାକ୍ୟ ଅର୍ଥାତ୍ ବାଇବଲ, ଏହି ଅନ୍ଧକାର ଜଗତରେ ଆମ୍ଭମାନଙ୍କୁ ଆଲୋକ ପ୍ରଦାନ କରେ । ପରମେଶ୍ୱରଙ୍କ ଦତ୍ତ ଆଲୋକ, ପାପ ଓ ଅପରାଧ ରକ୍ଷକ ଅନ୍ଧକାରରେ ଘେରି ରହିଥିବ । ପ୍ରତ୍ୟେକ ଆତ୍ମାଙ୍କ ନିମନ୍ତେ ପଥଦର୍ଶକ । ଏହା ଆମ୍ଭମାନଙ୍କୁ ଏହି ପତିତ ଜଗତରୁ ଅନନ୍ତ ନଗରକୁ ଘେନିଯାଏ । ଗାଢ଼ ଅନ୍ଧକାରମୟ ଜଗତରୁ ପରମେଶ୍ୱରଙ୍କ ପବିତ୍ର ନଗରକୁ ପରମେଶ୍ୱରଙ୍କ ବାକ୍ୟରୂପ ଆଲୋକ କଢ଼ାଇ ନିଏ । ସୂର୍ଯ୍ୟର ଆଲୋକ ଯେପରି ଜଗତର ପଥ ଆଲୋକିତ କରେ । ଈଶ୍ୱରଙ୍କ ବାକ୍ୟ ଆତ୍ମିକ ପଥ ସରଳ କରେ ।

### ପରମେଶ୍ୱର ଆଲୋକର ଆଧାର ଅଟନ୍ତି :

ପ୍ରତ୍ୟେକ ଆଲୋକ ପରମେଶ୍ୱରଙ୍କ ଠାରୁ ଉତ୍ପନ୍ନ । ସେ ସମସ୍ତ ଆଲୋକର ଆଧାର ଅଟନ୍ତି । ''ଦୀପ୍ତ ହେଉ'' ବୋଲି ପରମେଶ୍ୱର କହିବା ପୂର୍ବେ, ଏ ଜଗତ ଅନ୍ଧକାର ଥିଲା । ପ୍ରେରିତ ଯୋହନ କହନ୍ତି, ''ଆମ୍ଭେମାନେ ତାହାଙ୍କ ଠାରୁ ଯେଉଁ ସମ୍ବାଦ ଶୁଣିଅଛୁ ଓ ତୁମ୍ଭମାନଙ୍କୁ ଜଣାଉଅଛୁ, ତାହା ଏହି ଈଶ୍ୱର ଜ୍ୟୋତିସ୍ୱରୂପ, ଆଉ ତାହାଙ୍କ ଠାରେ ଅନ୍ଧକାରର ଲେଶ ନାହିଁ ।'' (୧ମ ଯୋହନ ୧:୫) ଯଦି ପରମେଶ୍ୱର ଦୀପ୍ତି ସୃଷ୍ଟି କରିନଥାନ୍ତେ, ଏହି ଜଗତର ଅବସ୍ଥା କଅଣ ହୋଇଥାଆନ୍ତା ? ଆମ୍ଭମାନଙ୍କ ପିତା ପରମେଶ୍ୱର ଯେଉଁ ଦୀପ୍ତିକୁ ସୃଷ୍ଟି କରିଥିଲେ, ସେ ସେହି ଦୀପ୍ତିରେ ନିବାସ କରନ୍ତି । ବାକ୍ୟ କହେ, ''ଯେ ଏକମାତ୍ର ଅମର ଓ ଅଗମ୍ୟ ଜ୍ୟୋତିର୍ନିବାସୀ, ଯାହାଙ୍କୁ କୌଣସି ମର୍ତ୍ତ୍ୟ କେବେ ଦେଖିନାହିଁ, ବା ଦେଖିପାରେ ନାହିଁ, ସେ ଉପଯୁକ୍ତ ସମୟରେ ତାହା ଦର୍ଶାଇବେ, ଅନନ୍ତକାଳ ପର୍ଯ୍ୟନ୍ତ ସମ୍ଭ୍ରମ ଓ ପରାକ୍ରମ ପ୍ରକାଶିତ ହେଉ ।'' (୧ମ ତୀମଥି ୬:୧୬)

## ସମଗ୍ର ବିଶ୍ୱ ତାହାଙ୍କ ଆଲୋକରେ ଆଲୋକିତ ହୁଏ :

ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ବା ଯେକୌଣସି ବସ୍ତୁଠାରୁ ହେଉ ନା କାହିଁକି ଆଲୋକ ଆମ୍ଭମାନଙ୍କ ଊର୍ଦ୍ଧ୍ୱସ୍ଥ ପିତାଙ୍କ ଠାରୁ ଆସେ । ଆମ୍ଭମାନଙ୍କର ଜ୍ୟୋତିର୍ଗଣର ପିତା, ''........ଯାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।'' (ଯାକୁବ ୧:୧୭) । ଠିକ୍ ସେହିପରି ଆତ୍ମିକ ଆଲୋକ ମଧ୍ୟ ପିତା ପରମେଶ୍ୱରଙ୍କ ଠାରୁ ଉତ୍ପନ୍ନ । ଯେଉଁମାନେ ତାହାଙ୍କ ଲିଖିତ ବାକ୍ୟର ଆଜ୍ଞାବହ ହୁଅନ୍ତି, ତାହାଙ୍କ ଆତ୍ମିକ ଆଲୋକ ଦ୍ୱାରା ଆଲୋକିତ ହୁଅନ୍ତି । ''କିନ୍ତୁ ଆଲୋକପ୍ରାପ୍ତ ହେଲା ଉତ୍ତାରେ ଯେତେବେଳେ ତୁମ୍ଭେମାନେ ନାନା ଦୁଃଖଭୋଗ ରୂପ କଠୋର ସଂଗ୍ରାମ ସହ୍ୟ କରିଥିଲ, ସେହି ପୂର୍ବ ସମୟକୁ ସ୍ମରଣରେ ଆଣ ।'' (ଏବ୍ରୀ ୧୦:୩୨)

## ଯୀଶୁ ଜଗତର ଜ୍ୟୋତିଃ :

ଜ୍ୟୋତିର୍ମୟ ପିତାଙ୍କ ଆଲୋକ ପ୍ରତିଫଳନ କରିବାରେ ତାହାଙ୍କ ପୁତ୍ରଙ୍କ ଠାରୁ ବଳି ଆଉ କେହି ଏ ଜଗତରେ ନାହିଁ । ବାପ୍ତିଜକ ଯୋହନ ଯୀଶୁଙ୍କ ବିଷୟରେ କହନ୍ତି, ''ତାହାଙ୍କଠାରେ ଜୀବନ ଥିଲା ଓ ସେହି ଜୀବନ ମନୁଷ୍ୟମାନଙ୍କ ଜ୍ୟୋତିଃ ।'' (ଯୋହନ ୧:୪) । ''ଯେଉଁ ସତ୍ୟ ଜ୍ୟୋତିଃ ପ୍ରତ୍ୟେକ ମନୁଷ୍ୟକୁ ଆଲୋକ ପ୍ରଦାନ କରନ୍ତି, ସେ ଜଗତକୁ ଆସୁଥିଲେ ।'' (ଯୋହନ ୧:୯) ଯୀଶୁ ଆପଣା ବିଷୟରେ ସାକ୍ଷ୍ୟ ଦେଇ କହନ୍ତି, ''......ମୁଁ ଜଗତର ଜ୍ୟୋତିଃ, ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତିଃ ପାଇବ ।'' (ଯୋହନ ୮:୧୨)

ଯୀଶୁଖ୍ରୀଷ୍ଟ, ପିତା ଈଶ୍ୱରଙ୍କୁ ସମ୍ପୂର୍ଣ୍ଣଭାବେ ଏ ଜଗତରେ ପ୍ରତିବିମ୍ବିତ କରନ୍ତି । କାରଣ

ସେ କହନ୍ତି,''..........ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି,........'' (ଯୋହନ ୧୪:୯) କାରଣ ଯାହା ହଜି ଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।'' (ଲୂକ ୧୦:୧୦) ପିତା ପରମେଶ୍ୱରଙ୍କ ସହଭାଗିତାରେ ଅନ୍ଧକାରରେ ଭ୍ରମଣ କରୁଥିବା ଆତ୍ମାଗୁଡ଼ିକ ଆଲୋକରେ କଢ଼ାଇ ଆଣିବା ନିମନ୍ତେ ଯୀଶୁ ଏ ଜଗତରେ ଅବତରଣ କରିଥିଲେ । ''ଯେ କେହି ମୋ'ଠାରେ ବିଶ୍ୱାସ କରେ, ସେ ଯେପରି ଅନ୍ଧକାରରେ ବାସ ନ କରେ, ଏଥିପାଇଁ ମୁଁ ଜଗତକୁ ଜ୍ୟୋତିଃ ହୋଇ ଆସୁଅଛି ।'' (ଯୋହନ ୧୨:୪୬) ଈଶ୍ୱରଙ୍କ ଠାରୁ ପ୍ରତିବିମ୍ବିତ ହେଉଥିବା ଖ୍ରୀଷ୍ଟଙ୍କ ଠାରେ ଥିବା ଆଲୋକ, ଆମ୍ଭମାନଙ୍କ ଜୀବନରେ ପ୍ରତିବିମ୍ବିତ ହେବା ଆବଶ୍ୟକ । ''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତି ୩:୨୬-୨୭) ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହେବା ଦ୍ୱାରା ଖ୍ରୀଷ୍ଟଙ୍କୁ ଧାରଣ କରିଅଛୁ । ଅତଏବ ଆମ୍ଭମାନଙ୍କ ଆଲୋକ ଆମ୍ଭମାନଙ୍କର ନୁହେଁ, କିନ୍ତୁ ସଦାପ୍ରଭୁ ପରମେଶ୍ୱରଙ୍କ ଦତ୍ତ ଅଟେ ।

ଯୀଶୁ ଜଗତର ଜ୍ୟୋତିଃ ହେଲେ ସୁଦ୍ଧା, କାହିଁକି ମନୁଷ୍ୟମାନେ ତାହାଙ୍କୁ ତିରସ୍କାର କରିଥିଲେ ? ''ଆଉ ସେହି ବିଚାର ଏହି ଜଗତରେ ଜ୍ୟୋତିଃ ପ୍ରକାଶିତ ହୋଇଅଛି, ଆଉ ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ । କାରଣ ଯେକେହି କୁକର୍ମ କରେ, ସେ ଜ୍ୟୋତିଃ କି ଘୃଣା କରେ, ପୁଣି କାଳେ ତାହାର କର୍ମର ଦୋଷ ପ୍ରକାଶିତ ହୁଏ, ଏଥିପାଇଁ ସେ ଜ୍ୟୋତି ନିକଟକୁ ଆସେ ନାହିଁ । କିନ୍ତୁ ଯେକେହି ସତ୍ୟ ଆଚରଣ କରେ, ସେ ଜ୍ୟୋତିଃ ନିକଟକୁ ଆସେ, ଯେପରି ତାହାର କର୍ମସବୁ ଈଶ୍ୱରଙ୍କ ଠାରେ ସାଧିତ ବୋଲି ପ୍ରକାଶିତ ହୁଏ ।'' (ଯୋହନ ୩:୧୯-୨୧) କିନ୍ତୁ ତାହାଙ୍କ ବାକ୍ୟରେ ସମସ୍ତେ ମନଯୋଗୀ ହୋଇନଥିଲେ, ''ତୁମ୍ଭେମାନେ ଯେପରି ଜ୍ୟୋତିଃର ସନ୍ତାନ ହୁଅ, ସେଥିପାଇଁ ଜ୍ୟୋତିଃ ତୁମ୍ଭମାନଙ୍କ ନିକଟରେ ଥାଉ ଥାଉ ଜ୍ୟୋତିଃରେ ବିଶ୍ୱାସ କର.....'' (ଯୋହନ ୧୨:୩୬) ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ପ୍ରେରିତ ପାଉଲ, ତୀମଥିଙ୍କୁ ଲେଖନ୍ତି, ''କିନ୍ତୁ ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଖ୍ରୀଷ୍ଟଯୀଶୁଙ୍କର ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି, ସେ ମୃତ୍ୟୁକୁ ଲୋକ କରିଅଛନ୍ତି, ପୁଣି, ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି ।'' (୨ ତୀମଥି ୧:୧୦) ପ୍ରକୃତରେ, ସେ ଜଗତର ଜ୍ୟୋତିଃ ଅଟନ୍ତି ।

## ତୁମ୍ଭେମାନେ ଜଗତର ଜ୍ୟୋତିଃ :

ଖ୍ରୀଷ୍ଟିୟାନମାନଙ୍କର ସୁକର୍ମ ଦ୍ୱାରା, ପରମେଶ୍ୱରଙ୍କ ଆଲୋକ ପ୍ରକାଶିତ ହୁଏ । (ମାଥିଉ ୫:୧୬) ଆମ୍ଭେମାନେ ବିକଶିତ ହେଉ, କିନ୍ତୁ ଆଲୋକ ଆମ୍ଭମାନଙ୍କର ନୁହେଁ । ପାଉଲ କହନ୍ତି, ''ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ ଯେଉଁ

ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି ।'' (୨ କରିନ୍ଥୀ ୪:୬) ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କଲେ, ଈଶ୍ୱରଙ୍କ ଆଲୋକ ଆମ୍ଭମାନଙ୍କ ଦ୍ୱାରା ବିକଶିତ ହୁଏ । ଏଥି ନିମନ୍ତେ ଆମ୍ଭେମାନେ ସୁସମାଚାର ଦ୍ୱାରା ଆହ୍ୱାନ ପ୍ରାପ୍ତ ହୋଇଅଛୁ । ''କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥି ନିମନ୍ତେ ତୁମ୍ଭେମାନେ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ ।'' (୧ମ ପିତର ୨:୯)

ପିତା ପରମେଶ୍ୱର ଆମ୍ଭମାନଙ୍କୁ ଅନ୍ଧକାର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରିୟପୁତ୍ର ଯୀଶୁଖ୍ରୀଷ୍ଟଙ୍କ ରାଜ୍ୟକୁ ସ୍ଥାନାନ୍ତରିତ କରିଅଛନ୍ତି । (କଲସୀ ୧:୧୩) ଆମ୍ଭେମାନେ ଆଉ ଅନ୍ଧକାରରେ ଭ୍ରମଣ କରୁନଥିବାରୁ ପରମେଶ୍ୱରଙ୍କ ଆଲୋକ ଆମ୍ଭମାନଙ୍କ ଜୀବନରେ ବିକଶିତ ହୁଏ । ବାକ୍ୟ କହେ, ''........ଈଶ୍ୱର ଜ୍ୟୋତିଃସ୍ୱରୂପ, ଆଉ ତାହାଙ୍କଠାରେ ଅନ୍ଧକାରର ଲେଶ ନାହିଁ, ତାହାଙ୍କ ସହିତ ଆମ୍ଭମାନଙ୍କର ସହଭାଗିତା ଅଛି, ଏହା କହି ଯଦି ଆମ୍ଭେମାନେ ଅନ୍ଧକାରରେ ଆଚରଣ କରୁ, ତାହା ହେଲେ ଆମ୍ଭେମାନେ ମିଥ୍ୟାବାଦୀ, ଆଉ ସତ୍ୟ ଆଚରଣ କରି ନଥାଉ । କିନ୍ତୁ ସେ ଯେପରି ଜ୍ୟୋତିଃନିର୍ବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିଃରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି । ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।'' (୧ମ ଯୋହନ ୧:୫-୭)

ଏହି ନୂତନ ବନ୍ଧନରେ କେତୋଟି ସର୍ତ୍ତ ଓ କେତୋଟି କାର୍ଯ୍ୟଭାର ମଧ୍ୟ ସମର୍ପିତ ହୋଇଅଛି । ''ବଚସା ଓ ତର୍କବିତର୍କ ବିନା ସମସ୍ତ କାର୍ଯ୍ୟ କର । ଯେପରି ତୁମ୍ଭେମାନେ ନିର୍ଦ୍ଦୋଷ ଓ ଅମାୟିକ ହୋଇ ଏହି କୁଟିଳ ବିପଥଗାମୀ ବଂଶ ମଧ୍ୟରେ ଈଶ୍ୱରଙ୍କ ଅନିନ୍ଦନୀୟ ସନ୍ତାନ ସନ୍ତତି ହୁଅ । ସେମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବନର ବାକ୍ୟ ଧରି ଜଗତରେ ଜ୍ୟୋତିସ୍ୱରୂପ ପ୍ରକାଶ ପାଉଅଛି । ସେଥିରେ ମୁଁ ଯେ ବୃଥାରେ ଦୌଡ଼ି ନାହିଁ କିଅବା ବୃଥାରେ ପରିଶ୍ରମ କରି ନାହିଁ, ସେ ସମ୍ବନ୍ଧରେ ଖ୍ରୀଷ୍ଟଙ୍କ ଦିନରେ ବର୍ଷ କରିପାରିବି ।'' (ଫିଲିପ ୨:୧୪-୧୬) କେତେ ପରିବର୍ତ୍ତନ ! ଖ୍ରୀଷ୍ଟିୟାନ ହେବା ପୂର୍ବେ ଆମ୍ଭେମାନେ ଅନ୍ଧକାରରେ ଭ୍ରମଣ କରୁଥିଲୁ କିନ୍ତୁ ପ୍ରଭୁଙ୍କ ସହଭାଗିତାରେ ଆଲୋକସ୍ୱରୂପ ହୋଇଅଛୁ । (ଏଫିସୀ ୫:୮) ପ୍ରଭୁ ଆମ୍ଭମାନଙ୍କୁ ଆଲୋକରେ ଗମନ କରିବା ନିମନ୍ତେ ଆଜ୍ଞା ଦିଅନ୍ତି ।

## ଜୀବନର ଆଲୋକରେ ଆମ୍ଭମାନଙ୍କ ଜୀବନ :

ପ୍ରଭୁ ଆମ୍ଭମାନଙ୍କୁ ଆଲୋକରେ ସ୍ଥାନାନ୍ତରିତ କରିବା ସଙ୍ଗେ ସଙ୍ଗେ, ଆମ୍ଭମାନଙ୍କୁ

କେତୋଟି କାର୍ଯ୍ୟଭାର ମଧ୍ୟ ସମର୍ପିଛନ୍ତି । ''..........ଆମ୍ଭେମାନେ ବିଜାତିମାନଙ୍କର ଆଲୋକ ସ୍ୱରୂପେ ତୁମ୍ଭକୁ ସ୍ଥାପନ କରିଅଛୁ । ଯେପରି ତୁମ୍ଭେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ପରିତ୍ରାଣ ସ୍ୱରୂପ ହେବ ।'' (ପ୍ରେରିତ ୧୩:୧୨) ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁର ଉତ୍ଥାନର ଏକ କାରଣ, ପ୍ରେରିତ ୨୬:୨୩ ପଦରେ ଲେଖାଯାଏ,''ଅର୍ଥାତ୍ ଖ୍ରୀଷ୍ଟ ନିଶ୍ଚୟ ଦୁଃଖଭୋଗ କରି ପୁଣି ପ୍ରଥମେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇ ସ୍ୱଜାତି ଓ ବିଜାତିମାନଙ୍କ ନିକଟରେ ଆଲୋକ ପ୍ରକାଶ କରିବେ ।'' (ପ୍ରେରିତ ୨୬:୨୩)

ଶୟତାନ ଏହି ଜଗତକୁ ଅନ୍ଧକାରାଚ୍ଛନ୍ନ କରି ରଖିଅଛି । ପାଉଲ କହନ୍ତି,''ଯଦ୍ୟପି ଆମ୍ଭମାନଙ୍କ ସୁସମାଚାର ଆଚ୍ଛାଦିତ ଥାଏ, ତାହା ବିନାଶପ୍ରାପ୍ତମାନଙ୍କ ପକ୍ଷରେ ଆଚ୍ଛାଦିତ । ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କ ଗୌରବମୟ ସୁସମାଚାର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନହୁଏ, ଏଥି ନିମନ୍ତେ ଏହି ଜଗତ୍‌ପତି ଅବିଶ୍ୱାସୀମାନଙ୍କର ଜ୍ଞାନଚକ୍ଷୁ ଅନ୍ଧ କରିଅଛି ।'' (୨ୟ କରିନ୍ଥୀ ୪:୩-୪) ଖ୍ରୀଷ୍ଟଙ୍କ ଅନୁଚରମାନଙ୍କ ଦ୍ୱାରା ପ୍ରକାଶିତ ଖ୍ରୀଷ୍ଟଙ୍କ ଆଲୋକ ଦ୍ୱାରା, ଜଗତର ଅନ୍ଧକାର ଘୁଞ୍ଚିବ । ୨ କରିନ୍ଥୀ ୪:୬ରେ ପାଉଲ ଲେଖନ୍ତି,''.........ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି ।''

ଖ୍ରୀଷ୍ଟିୟାନମାନଙ୍କ ଜୀବନ ଦ୍ୱାରା ଏହି ଜଗତରେ ଯୀଶୁଙ୍କ ଆଲୋକ ପ୍ରକାଶିତ ହେଉଥିବାରୁ, ଆସ ଆମ୍ଭେମାନେ ଆମ୍ଭମାନଙ୍କ ଆତ୍ମୀୟ ଜୀବନ ବିଷୟରେ ସଚେତନ ରହୁ । ଆମ୍ଭେମାନେ ଏହି ଜଗତରେ ଖ୍ରୀଷ୍ଟଙ୍କ ଆଲୋକ ଅଟୁ । ଜଗତର ଅନ୍ଧକାର ଯେପରି ଘୁଞ୍ଚିଯିବ, ଆମ୍ଭମାନଙ୍କ ଆଲୋକ ପ୍ରକାଶ ପାଉ ।

**- Clem Thurman**

❄ ❄ ❄

**Edited & Published by : Kabita & Joshua Gootam**

# CHRISTIAN GROWTH

***1 Peter 2:2; 2 Peter 3:18; Herbrews 5:12-14***

## INTRODUCTION :

1. The Christian life is compared to the physical life.
2. There must be growth in both.
3. If growth does not take place then death follows.

## DISCUSSION :

**I. *One becomes a Christian by being born again. (John 3:3-5).***

2. As new born babes, desire the milk of the word. (1 pet. 2:2).
3. To grow in grace and in knowledge of the Lord. (2 Peter 3:18).

**II. *Things We are to grow in.***

1. In knowledge.
2. In faith.
3. In love.
4. In Spirituality.
5. In influence.
6. In giving.

**III. *How Christians can grow.***

1. By Studying. (2 Tim. 2:15; Matt. 4:4).
2. By praying.
3. By attending the assemblles. (Hebrew 10:25).
4. By exercising in godliness.
5. By bearing fruit. (John 15:1-8).
6. By teaching. (1 Tim. 4:16).
7. By adding Christian Graces. (2 Pet. 1:1-11).

## IV. *Results of Growth.*

1. Faith becomes great.
2. Develops our ability.
3. Spiritually strong.
4. We are faithful.
5. Influence for good.
6. Able to win more.

## CONCLUSION :

1. Don't Starve your soul.
2. Must grow up in the Lord.
3. Become a full grown man in Christ.

*J. C. Choate*

From:
**SATYA VANI**
**P.O. BOX 80,**
**KAKINADA - 533 001**

Printed Book Only

To

(For Private Circulation Only)